# Akashvani, Sambalpur

## SAMBALPURI NEWS EVENING BULLETIN

## 15 September 2026-7.02- 7.12 pm.

---

୧- ପଶ୍ଚିମ ଓଡ଼ିଶା ନ ପାଲିତ୍ ହେଇଛେ ମହାନ୍ କୃଷିଭିତିକ ଗଣପର୍ବ ନୂଆଖାଇ - ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି ଆଉ ପ୍ରଧାନ୍‌ମନ୍ତ୍ରୀ ।

- ମା ସମଲେଇଙ୍କର୍ ନ ନୂଆ ଲାଗ୍‌ଲା ଉତ୍‌ରୁ ଚାର୍‌ହିଆଡ଼େ କରାଯାଉଛେ ନୂଆଖାଇ ଭେଟ୍‌ଘାଟ୍ ।

୨- ସୁରକ୍ଷିତ୍ ଆଉ ବିକଶିତ୍ ଓଡ଼ିଶା ଲକ୍ଷ୍ୟ ନେଇକରି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍‌ଠାନୁ ମୁଲ୍ ହେଇଛେ ଅଗ୍ନି ସୁରକ୍ଷା ବ୍ୟବସ୍ଥାର୍ ଯାଂଚ୍ ।

୩- ଦୂରଦର୍ଶନ୍ ଆଏଜ୍ ସଫଲତାର୍ ସହେତେ ପୁରା କରିଛେ ୬୭ ବଛର୍ ।

ଆଉର୍

୪- ରାଜ୍ୟର୍ ୧୬ ଟା ଜିଲ୍ଲା ନ ଚଡ଼କ୍ ମାରିକରି ଜବର୍ ବର୍ଷା ହେବା ବଲି ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ନୂଆଖାଇ ଆର୍‌ଏନ୍‌ୟୁ/ ସମ୍ବଲପୁର/ସମ୍ବଲ୍‌ପୁର୍ ସମ୍ବାଦଦାତା

ମହାନ୍ ଗଣପର୍ବ ନୂଆଖାଇ ଲାଗି ଆଏଜ୍ ସାରା ପଶ୍ଚିମ ଓଡ଼ିଶା ଚଲ୍‌ଚଂଚଲ୍ ହେଇଛେ । ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍‌ମୀ ତିଥି ନ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ନୁ ୯ ବାଜିକରି ୫୪ ମିନିଟ୍ ଭିତ୍‌ରେ ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଠାନେ ନବାନ୍ନ ଲାଗି ହେଇଛେ । ସମଲେଶ୍ୱରୀ ମନ୍ଦିର୍ ନ ନୂଆଖାଇ ଅବ୍‌ସରେ ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁ ଆକାଶ୍‌ବାଣୀକେ କହିଛନ୍,

(ଭଏସ୍ ଓଭର୍- ସଞ୍ଜୟ ବାବୁ)

ପଶ୍ଚିମ ଓଡ଼ିଶାର୍ ଅଲ୍‌ଗା ଶକ୍ତିପୀଠ ଭିତ୍‌ରେ କଲାହାଣ୍ଡିର୍ ମା ମାଣିକେଶ୍ୱରୀ, ଜୁନାଗଡ଼୍‌ର ମା ଲଙ୍କେଶ୍ୱରୀ, ବଲାଙ୍ଗିର୍ ଆର୍ ପାଟ୍‌ନାଗଡ଼୍‌ର ମା ପାଟଣେଶ୍ୱରୀ ଆର୍ ସୁବର୍ଣ୍ଣପୁର୍‌ର ମା ସୁରେଶ୍ୱରୀଙ୍କର୍ ନ ନୂଆ ଲଗାଯାଇଥିଲା ।

ଇଷ୍ଟଦେବୀଙ୍କର୍ ପାଶେ ପହେଲା ଖାଦ୍ୟ ଶସ୍ୟ ନୁଁ ତିଆର୍ ହେଇଥିବା ଭୋଗ୍ ଲଗାବାର୍ ଉତ୍ରୁ ପରିବାର୍‌ର ସଦସ୍ୟମାନେ ନୂଆ ଖାଇଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୃଷିଭିତିକ ଗଣପର୍ବ ନୂଆଖାଇ ଅବ୍‌ସରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜନେଇକରି ନୂଆଖାଇକେ ସାମାଜିକ୍ ଆଉ ପାରିବାରିକ୍ ଆତ୍ମିୟତାର୍ ପ୍ରତୀକ ବଲି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଖାଇର୍ ଶୁଭେଚ୍ଛା ଜନେଇକରି ଇ ଅବ୍‌ସରେ ସେ ସମ୍‌କର୍ ଖୁସି ଆଉ ସମୃଦ୍ଧି କାମନା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ନୂଆଖାଇ ଖାଲି ଗୁଟେ ତିହାର୍ ନୁହେଁ, ଇଟା ମାଏଟ୍, ସଂସ୍କୃତି, ଚାଲିଚଲନ୍ ଆଉ ସାମାଜିକ୍ ଏକତାର୍ ପ୍ରତୀକ୍ ଆଏ । ଇ ତିହାର୍ ସମ୍‌କର୍ ମନୁ ଭେଦ୍‌ଭାବ୍ ଦୂର୍ କରିକରି ଗୁଟେ ସୂତାଥି ବାନ୍ଧି ଦଉ ବଲି ଶ୍ରୀ ମାଝୀ କାମ୍‌ନା କରିଛନ୍ ।

ବଲାଙ୍ଗିର୍ ଜିଲ୍ଲାର୍ ଗାଁନୁ ସହର୍ ନ ଇଷ୍ଟଦେବୀ ମା ପାଟଣେଶ୍ୱରୀଙ୍କର୍ ନ ନବାନ୍ନ ଲାଗି ହେବାର୍ ଉତ୍ରୁ ରାଜ୍‌ପରିବାର୍ ଗୁଟେ ଠାନେ ନୂଆ ଖାଇଛନ୍ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ନୂଆଖାଇର୍ ଶୁଭେଚ୍ଛା ଜନେଇକରି କହିଛନ୍,

(ଭଏସ୍ ଓଭର୍- କେ.ଭି. ସିଂହଦେଓ)

ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଖାଇ ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଇ ତିହାର୍ ଆମର୍ ସଂସ୍କୃତିର୍ ଗୁଟେ ଅଭିନ୍ନ ଅଙ୍ଗ ଆଏ ଆଉ ସମାଜ୍‌କେ ଏକତାର୍ ସୂତ୍ରଥି ବାନ୍ଧିକରି ରଖିବାର୍‌ଥି ସାହାଜ୍ କର୍‌ସି ।

ନୂଆଖାଇ-ଜିଲ୍ଲା

ସୁବର୍ଣ୍ଣପୁର୍/ କଲାହାଣ୍ଡି/ ବଲାଙ୍ଗିର୍/ ନୂଆପଡ଼ା/ ବୌଦ୍ଧ

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜ୍‌ପରିବାର୍ ତର୍‌ଫୁ ଗଡ଼ରକ୍ଷକ୍ ଦେବୀ ରକ୍ତମ୍ବରୀ ଆର୍ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ପୂଜାରୀ ଛତ୍ରିଆମାନେ ଜୁଗାର୍ ଧରିକରି ମା'ଙ୍କର୍ ପାଶେ ନୂଆ ଧାନର୍ ଚୁରା  ଭୋଗ୍ ଲଗେଇଛନ୍ ।

କଲାହାଣ୍ଡି ଜିଲ୍ଲା ନ ଘରେ ଘରେ ପିଠାପନା ସହେତେ ରକମ୍ ରକମ୍‌ର ଖାଏବାର୍ ଦରବ୍ ତିଆର୍ କରିକରି ଭାଇଚାରାର୍ ତିହାର୍ ନୂଆଖାଇକେ ଉସ୍‌ନାକିଥି ପାଲନ୍ କରିଛନ୍ । ଜୁନାଗଡ଼୍ ଦଧିବାମନ୍ ମନ୍ଦିର୍ ନ ନବାନ୍ନ ଲାଗି ହେବାର୍ ଉତ୍‌ରୁ ଲୁକେ ନିଜର୍ ନିଜର୍

ଗ୍ରାମ୍‌ଦେବାଦେବୀଙ୍କୁ ନବାନ୍ନ ଅର୍ପଣ୍ କର୍‌ବାର୍ ସହେତେ ଘରେ ଘରେ ନୂଆଁ ଖାଇଛନ୍ ।

ବୌଦ୍ଧ ଗଡ଼ର୍ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କର୍ ପୀଠ ନ ଆଏଜ୍ ସଖାଲବେଲା ନବାନ୍ନ ଲାଗି କରାଯାଇଛେ । ମହାନଦୀ ନ ପୂଜା କରିକରି ମହାନଦୀର୍ ପବିତ୍ର ଜଲ୍‌କେ ଗୁଟେ ଶୋଭାଯାତ୍ରାଥି ଅନାଯାଇକରି ଦେବୀଙ୍କର୍ ଲାଗି ନବାନ୍ନ ତିଆର୍ କରାଯାଇଥିଲା । ଇ ଅବ୍‌ସରେ ମନ୍ଦିର୍ ଶିଘେ ନୂଆଁ ଧ୍ୱଜା ବାନ୍ଧ୍‌ବାର୍ ପରମ୍ପରା ରହିଛେ । ଭୈରବୀଙ୍କର୍ ଠାନେ ମହାଆଲ୍‌ତୀ କରାଯିବାର୍ ଉତ୍‌ରୁ ଭକ୍ତମାନେ ସାମୂହିକ୍ ଭାବେ ଦେବୀଙ୍କର୍ ପ୍ରସାଦ୍ ପାଇକରି ନୂଆଖାଇ ପାଲନ୍ କରିଛନ୍ ।

ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ପାଶେ ପାହୁର୍ ଭୋଗ୍ ଲାଗ୍‌ଲା ଉତ୍‌ରୁ ଲୁକେ ନିଜର୍ ନିଜର୍ ଇଷ୍ଟଦେବଦେବୀଙ୍କୁ ନବାନ୍ନ ଭୋଗ୍ ଲଗେଇକରି ପରିବାର୍‌ଥି ନୂଆଁ ଖାଇଛନ୍ । ଇ ବାବ୍‌ଦେ ସୁବର୍ଣ୍ଣପୁର୍‌ର ସଂସ୍କୃତି ଗବେଷକ ଡକ୍ଟର୍ ଦେବାଶିଷ ପାଣ୍ଡିଆ କହିଛନ୍,

(ଭଏସ୍ ଓଭର୍- ଦେବାଶିଷ ପାଣ୍ଡିଆ)

ଆଏଜ୍ ବେଲ୍‌ବୁଡ଼େ ଭିନ୍ ଭିନ୍ ଜାଗା ନ ନାଚ୍‌ଗୀତ୍‌ର ଆସର୍ ଜମୁଛେ । ପାରମ୍ପାରିକ୍ ଲୋକ୍‌ନାଚ୍, ଲୋକ୍‌ଗୀତ୍‌ଥି ସାରା ପଶ୍ଚିମ ଓଡ଼ିଶା ଦୁଲ୍‌କୁଛେ ।

ସୁରକ୍ଷିତ୍ ଆଉ ବିକଶିତ୍ ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଅଗ୍ନିଶମ ଆଉ ଜରୁରୀକାଲୀନ୍ ସେବା ବିଭାଗ୍ ତର୍‌ଫୁ ସୁରକ୍ଷିତ୍ ଆଉ ବିକଶିତ୍ ଓଡ଼ିଶା ଅଭିଯାନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅଭିଯାନ୍ ଅଧୀନ୍‌ଥି ଭିନ୍ ଭିନ୍ ମଲ୍, ବ୍ୟବସାୟିକ୍ ପ୍ରତିଷ୍ଠାନ୍, ଆପାର୍ଟମେଂଟ୍ ହୋଟେଲ୍, ଶିକ୍ଷାନୁଷ୍ଠାନ୍ ହସ୍ପିଟାଲ୍ ବାଗିର୍ ଜାଗା ମାନ୍‌କେ ନିଆଁ ଲିଭା ଆଉ ଅଗ୍ନି ସୁରକ୍ଷା ବ୍ୟବସ୍ଥାର୍ କଡ଼ାକଡ଼ି ଯାଂଚ୍ କରାଯାଉଛେ । ଚଲ୍‌ତି ବଛର୍ ଅଗ୍ନିଶମ ବିଭାଗ୍ ତର୍‌ଫୁ ଅଗ୍ନି ନିରାପତା ପ୍ରମାଣ୍ ନାଇଥିବା ଆଉ ନିୟମ୍ ନାଇଁ ମାନିକରି ଚାଲୁଥିବା ପାଖାପାଖି ୮ ଶହ ନୁ ଅଏତ୍‌କା ପ୍ରତିଷ୍ଠାନ୍‌କେ ନୋଟିସ୍ ଜାରି କରାଯାଇଛେ । ଇ ଅଭିଯାନ୍ ଆଏବା ମାସର୍ ୧୫ ତାରିଖ୍‌ତକ୍ ଚାଲ୍‌ବା ।

ରାଜ୍ୟର୍ ସାମଗ୍ରିକ୍ ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍‌ଥି ଇ ଅଭିଯାନ୍ ସାହାଜ୍ କର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଦୂରଦର୍ଶନ୍‌ର ପ୍ରତିଷ୍ଠା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର

ଦୂରଦର୍ଶନ୍ ଆଏଜ୍ ସଫଲତାର୍ ସହେତେ ୬୭ ବଛର୍ ପୁରା କରିଛେ । ୧୯୫୯ ମସିହା ଆଝିର୍ ଦିନେ ଦୂର୍‌ଦର୍ଶନ୍ ପହେଲାଥର୍ ଲାଗି ତାର୍ ପ୍ରସାରଣ୍ ମୁଲ୍ କରିଥିଲା । ୧୯୭୫ ମସିହାତକ୍ ଦୂରଦର୍ଶନ୍ ଆକାଶ୍‌ବାଣୀର ଗୁଟେ ଅଂଶ ଭାବେ କାମ୍ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖ୍ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ଅଧୀନ୍‌ଥି ଗୁଟେ ଖାସ୍ ୱିଙ୍ଗ୍ ଭାବେ ଦୂରଦର୍ଶନ୍ କାମ୍ କର୍‌ବାର୍ ସହେତେ ପ୍ରସାର୍ ଭାରତୀର୍ ଅଧୀନ୍‌କେ ଆସିଥିଲା । ଆଝିରର୍ ଦିନେ ଦୂରଦର୍ଶନ୍ ଭାରତ୍‌ର ବଡ଼ ପ୍ରସାରଣ୍‌କାରୀ ସଂସ୍ଥା ଭାବେ ନାଁ କରିଛେ । ବହୁତ୍‌ଟେ ଷ୍ଟୁଡ଼ିଓ ଆଉ ଟ୍ରାନ୍ସମିଟର୍ ଜରିଏ ଦେଶର୍ ସବୁ ଇଲାକାକେ ଦୂରଦର୍ଶନର ପ୍ରସାରଣ୍ ପୁହୁଁଚିପାରିଛେ ।

ଏକାସଙ୍ଗେ ଟେଲିଭିଜନ୍ ଅନ୍‌ଲାଇନ୍ ମୋବାଇଲ୍ ସେବାଥି ଗାଁ ଆଉ ସହର୍ ଇଲାକା ସହେତେ ଅନ୍ତର୍ଜାତୀୟ ସ୍ତର୍‌ଥି ଦୂରଦର୍ଶନ୍ ତାର୍ ପ୍ରସାରଣ୍ ଜାରି ରଖିଛେ ।

ଜାତୀୟ ଇଞ୍ଜିନିୟର୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର

ଆଏଜ୍ ଜାତୀୟ ଇଞ୍ଜିନିୟର୍ ଦିବସ୍ । ୧୯୬୮ ମସିହାନୁ ସେପ୍ଟେମ୍ବର୍ ୧୫ ତାରିଖ୍‌କେ ସାରା ଦେଶେ ଇଞ୍ଜିନିୟର୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଆଧୁନିକ୍ ଭାରତ୍‌ର ବିଶ୍ୱକର୍ମା ଭାବେ ଜନାଶୁନା ପ୍ରଖ୍ୟାତ୍ ଇଞ୍ଜିନିୟର୍ ମୋକ୍ଷ୍ୟ ଗୁଣ୍ଡମ୍ ବିଶ୍ୱେଶ୍ୱରାୟଙ୍କର୍ ଜନମ୍‌ଦିନ୍‌କେ ମନେ ପକାବାର୍ ଲାଗି ଇ ଦିନ୍ ପାଲନ୍ କରାଯାଉଛେ । ଇଞ୍ଜିନିୟର୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଏମ୍. ବିଶ୍ୱେଶ୍ୱରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଗୁଟେ ଭଲ୍ ଭବିଷ୍ୟତ୍ ତିଆର୍, ନବସୃଜନ ଆଉ ସମାଧାନ୍ ଦେବାର୍ ଦିଗେ ଯୋଗଦାନ୍ ରଖୁଥିବା ଦେଶର୍ ଇଞ୍ଜିନିୟର୍ ମାନ୍‌କୁ ଶ୍ରୀ ମୋଦୀ ଅଭିନନ୍ଦନ୍ ଜନେଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି

କହିଛନ୍, ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କର୍ ଦୂରଦୃଷ୍ଟି ଇଞ୍ଜିନିୟରିଂ କ୍ଷେତ୍ରଥି ଉତ୍କର୍ଷ ରାଷ୍ଟ୍ର ନିର୍ମାଣ୍ ଲାଗି ସମର୍ପଣ୍ ଦେଶର୍ ପ୍ରଗତିଥି ଗୁଟେ ସ୍ଥାୟୀ ଅବଦାନ୍ ରଖିଛେ। ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍। ଓଡ଼ିଶା ଆଉ ଭାରତ୍‌କେ ବର୍‌କସ୍ ସମୃଦ୍ଧ, ଆଉ ଆତ୍ମନିର୍ଭର୍ କର୍‌ବାର୍‌ଥି ଇଞ୍ଜିନିୟର୍ ମାନ୍‌କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ଶ୍ରୀ ମାଝୀ କହିଛନ୍।

ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଣତନ୍ତ୍ରର୍ ମୂଲ୍ୟବୋଧ, ମାନବ୍ ଅଧିକାର୍ ଆଉ ନାଗରିକ୍ ମାନ୍‌କର୍ ଭାଗିଦାରୀ ବାବ୍‌ଦେ ସଚେତନ୍ କର୍‌ବାର୍ ଉଦ୍ଦେଶ୍ୟଥି ଫି’ ବଛର୍ ଆଜିର୍ ଦିନେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ୍ ପାଲନ୍ କରାଯାଏସି। ଗଣତନ୍ତ୍ର ହେଉଛେ ଗୁଟେ ସମୃଦ୍ଧ ଆଉ ସଶକ୍ତ ରାଷ୍ଟ୍ରର୍ ମୂଳଦୂଆ। ଇତାର୍ ମୂଲ୍ୟବୋଧ୍‌କେ ବର୍‌କସ୍ କର୍‌ବାର୍ ସହେତେ ଲୁକ୍‌କର୍ ଅଧିକାର୍, ସମାନତା, ନ୍ୟାୟ ଆଉ କଲ୍ୟାଣ୍‌କେ ସୁନିଶ୍ଚିତ୍ କରିକରି ଗୁଟେ ବିକଶିତ୍

ସମୃଦ୍ଧ ରାଷ୍ଟ୍ର ନିର୍ମାଣ୍‌ଥି ନାଗରିକ୍‌ମାନେ ନିଜର୍ ଯୋଗଦାନ୍ ଦେବାର୍ ଦର୍‌କାର୍ । ଆଝିର୍ ଦିନ୍ ସମ୍‌କୁ ସୋର୍ ପକାସି ଗଣତନ୍ତ୍ରର୍ ସୁରକ୍ଷା ଖାଲି ସର୍‌କାର୍ କି ରାଜନୈତିକ୍ ବ୍ୟବସ୍ଥାର୍ ଦାୟିତ୍ୱ ନୁହେଁ । ଇଟା ସବୁ ନାଗରିକ୍‌ମାନ୍‌କର୍ ସକ୍ରିୟ ଆଉ ଦାୟିତ୍ୱଶୀଳ ଭାଗିଦାରୀ ଲାଗି ଅଏତ୍‌କା ବଫୁ ପାଏସି । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍, ଗଣତନ୍ତ୍ର ହେଉଛେ ସବୁ ନାଗରିକ୍ ମାନ୍‌କର୍ ସ୍ୱର୍ । ପୁର୍‌ଥିର୍ ସବୁନୁ ବଡ଼ ଗଣତନ୍ତ୍ର ଭାରତ୍‌ଥି ରହିଛେ । ବିବିଧତା ଭିତ୍‌ରେ ଏକତା ସହେତେ ଫି’ ଭୋଟ୍ ଶକ୍ତି ଭାରତ୍‌ର ଗଣତନ୍ତ୍ରର୍ ଭବିଷ୍ୟତ୍‌କେ ନିର୍ଦ୍ଧାରିତ୍ କର୍‌ସି । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗଣତନ୍ତ୍ର ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ଇଟା ହେଉଛେ, ସାଧାରଣ୍ ଲୁକ୍‌କର୍ ସ୍ୱର ଆଉ ଅଧିକାର୍ । ଜନତାଙ୍କର୍ ତର୍‌ଫୁ ଜନତାଙ୍କର୍ ଲାଗି ଆଉ ଜନତାଙ୍କର୍ ଶାସନ୍ ହିଁ ପ୍ରକୃତ୍ ଗଣତନ୍ତ୍ର ଆଏ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବର୍ଷାର୍ ପରିମାଣ୍ କମିଛେ । ଉତର୍ ପଶ୍ଚିମ ଆଉ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍, ପଶ୍ଚିମ, ଉତର୍‌ପଶ୍ଚିମ ଦିଗ୍‌କେ ଯାଇକରି ସ୍ଥଲଭାଗ୍ ଛିଇଁଛେ । ତାର୍ ପ୍ରଭାବ୍‌ଥି ମୌସୁମୀ ନିମ୍ନଚାପରେଖା ବଙ୍ଗୋପ୍‌ସାଗର୍‌ନୁ ଆସୁଥିବା ଜଲୀୟ ବାଷ୍ପ ଲାଗି ଆଏବା ୨୦ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସାମାଏନ୍‌ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ଜବର୍ ବର୍ଷା ହେବା ବଲି କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।